# ବିନା ଜନତାରେ ସରିଲା ଜନଶୁଣାଣି

**ଖଇରା,୨୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ୨୦୨୨-୨୩ ଆର୍ଥିକ ବର୍ଷରେ ହୋଇଥିବା କାର୍ଯ୍ୟ ସମ୍ପର୍କିତ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିନା ଜନତାରେ କେତେଜଣ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ ନେଇ ଆୟୋଜିତ ଏହି ଶିବିରର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତ୍ୟେକ ବର୍ଷ ଖାମଖିଆଲି ଢଙ୍ଗରେ ଆୟୋଜନ କରାଯାଉଥିବା ଏବଂ ପ୍ରହସନ ପାଲଟିଥିବା ଏହି ଶିବିରକୁ ତୁରନ୍ତ ବନ୍ଦ କରାଯିବା ଦରକାର ବୋଲି ମାଣିତ୍ରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ଅଭିଯୋଗ କରିଛନ୍ତି। ଖଇରା ବ୍ଲକ ବିଡିଓ ଦାୟିତ୍ୱରେ ଥିବା ସିମୁଳିଆ ବିଡିଓ ପୃଥ୍ୱୀରାଜ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ବ୍ଲକରେ ୩ଲକ୍ଷ୬୧ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ମୋଟ ୧୦୩ଜଣ ୧୦୦ଦିନର କାର୍ଯ୍ୟ ପୂରଣ କରିଛନ୍ତି।

## ଚିନ୍ତାଜନକ ସ୍ଥିତିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ଜଳଦା, ଗଡ଼ପୋଖରୀ, ଗର୍ସଙ୍ଗ,ଗୋଳିହା ,ଖଇରା ଭଳି ପଞ୍ଚାୟତର ଜଣେ ହେଲେ ଶ୍ରମିକ ଏହି ତାଲିକାରେ ନାହାଁନ୍ତି। ସେହିଭଳି ସାରଡାଙ୍ଗ,ଜଳଦା,ସାରଡାଙ୍ଗ, ଶ୍ୟାମସୁନ୍ଦରପୁର,ମାଖନପୁର ଭଳି ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତଗୁଡ଼ିକରେ ଅନୁସୂଚିତ ଜାତିରୁ ଜଣେ ଲେଖାଏ ଜବକାର୍ଡଧାରୀ ରହିବା ଏହି ବିଭାଗରେ ଥିବା ଅଧିକାରୀଙ୍କ ଦକ୍ଷତାକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କୃଷି,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ ଗୋଟିଏ ବି ପ୍ରକଳ୍ପ ହାତକୁ ନିଆ ଯାଇ ନ ଥିବା ବେଳେ ଉଦ୍ୟାନ କୃଷି ଓ ଜଙ୍ଗଲ ଓ ପରିବେଶ ବିଭାଗରେ ଖର୍ଚ୍ଚ ଅତ୍ୟନ୍ତ ନୈରାଶ୍ୟଜନକ। ମୋଟ ୭୬ କୋଟି ୯୬ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଜଳ ସଂରକ୍ଷଣ ଓ ପୁରାତନ ଜଳପ୍ରକଳ୍ପ ପାଇଁ ପାଖାପାଖି ୧୪କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରାୟ ୯୦ପ୍ରତିଶତ ପ୍ରକଳ୍ପରେ ମେଶିନ ବ୍ୟବହୃତ ହୋଇଥିବା ଅଭିଯୋଗ କରାଯାଇଛି। ୩୭ ପଞ୍ଚାୟତରେ ମୋଟ ୨୨୮୮ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୫୨୦ଟି ସମ୍ପୂର୍ଣ୍ଣ ହୋଇଛି। ସଚେତନତା ଅଭାବରୁ ବାକି ୧୭୬୮ଟି ଅସମ୍ପୂର୍ଣ୍ଣ ରହିଛି। ଅଚ୍ୟୁତପୁର,ଗୋବିନ୍ଦପୁର,ଜଳଦା,ଝିଙ୍କିରିଆ,ଖଇରା,ନନ୍ଦୁର, ନୟାଖଣ୍ଡି,ପଳସା,ସାରୁଗାଁ, ଶ୍ୟାମସୁନ୍ଦରପୁର, ସୁଣ୍ଡିରାଗଣ୍ଡିବେଡ଼ ପ୍ରଭୃତି ପଞ୍ଚାୟତଗୁଡ଼ିକରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହାର ୨ଅଙ୍କରେ ନ ପହଞ୍ଚିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯନ୍ତ୍ରୀ ତଥା ବିଡିଓଙ୍କ ଅସହଯୋଗ ଯୋଗୁ ଗଡ଼ପୋଖରୀ ପଞ୍ଚାୟତରେ ଏହି ଯୋଜନା ବାଟବଣା ହୋଇ ପଡ଼ିଥିବା ନେଇ ପୂର୍ବତନ ସମିତିସଭ୍ୟାଙ୍କ ପ୍ରତିନିଧି ବିଜୟ ବାରିକ କହିଛନ୍ତି । ଅଧିକ ଅଭିଯୋଗ ତଥା ବ୍ଲକ ପ୍ରଶାସନର ବିଫଳତା ପଦାରେ ପଡ଼ିଯିବା ଭୟରେ ପ୍ରଶାସନ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଉ ନ ଥିବା ସେ ଉଲ୍ଲେଖ କରିଛନ୍ତି। ଉକ୍ତ ଶିବିରରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଲ ବାରିକ, ବ୍ଲକ ସଂଯୋଜକ ହେମନ୍ତ କୁମାର ପାଢ଼ୀ, ଅନନ୍ତ କୁଅଁର, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏହି ଯୋଜନାରେ ଖଇରା ଦାୟିତ୍ୱରେ ଥିବା ସିମୁଳିଆ ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଦିପକ ଭଞ୍ଜଙ୍କୁ ପଚାରିବାରୁ ଗୋଟିଏ ଦିନ ପୂର୍ବରୁ ତରବରିଆ ଭାବେ ବୈଠକ ଡକାଯାଇଥିବାରୁ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇ ପାରି ନ ଥିବା କହିଛନ୍ତି।

## ସଂକ୍ଷେପରେ

### ପୋଲରୁ ତଳକୁ ଖସି ଯୁବକ ମୃତ

ଲଙ୍ଗଳେଶ୍ୱର,୨୮।୪(ଡି.ଏନ.ଏ.)- ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ମହାବଳା ଗ୍ରାମ ନିକଟ ଲଙ୍ଗଳେଶ୍ୱର-ପଞ୍ଚୁପାଲି ରାସ୍ତା କୋଷ୍ଟ କେନାଲ ପୋଲରୁ ତଳକୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଦୁଇ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ପଞ୍ଚୁପାଲି ଗ୍ରାମର ୩ ଯୁବକ ଏକ ସ୍କୁଟିରେ ଲଙ୍ଗଳେଶ୍ୱରରୁ ଫେରୁଥିଲେ। ସ୍କୁଟିର ଗତି ଅଧିକ ଥିବାରୁ ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟିହୋଇ ୨୦ ଫୁଟ୍ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ୨ ଯୁବକଙ୍କୁ ଉଦ୍ଧାର କରିଥିବା ବେଳେ ସ୍କୁଟି ଚଳାଉଥିବା ଯୁବକ ମିଳି ନ ଥିଲେ। ବହୁ ଖୋଜାଖୋଜି ପରେ ପାଣି ଭିତରୁ ତାଙ୍କୁ ଉଦ୍ଧାର କରି ଲଙ୍ଗଳେଶ୍ୱର ଡାକ୍ତରଖାନା ଓ ଇଡ୍‌କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ ଉତ୍ତରପ୍ରଦେଶ ରାଜ୍ୟ ଆଗ୍ରା ଜିଲା ତାଜଗଞ୍ଜ ଥାନା ନଙ୍ଗଲାଲାନେ ଗ୍ରାମର ହରି ସିଂ ରାଜପୁତଙ୍କ ପୁଅ ରାକେଶ ରାଜପୁତ (୧୯)। ସେ କିଛିଦିନ ପୂର୍ବରୁ ପଞ୍ଚୁପାଲି ଗ୍ରାମସ୍ଥିତ ତାଙ୍କ ମାମୁ ରାମଚନ୍ଦ୍ର ସାହୁଙ୍କ ଘରକୁ ଆସିଥିଲେ। ସାଙ୍ଗମାନଙ୍କ ସହିତ ଲଙ୍ଗଳେଶ୍ୱରରୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏନେଇ ବାଲିଆପାଳ ଥାନାରେ ଏକ ମାମଲା (ନଂ. ୧୧୮/୨୩) ରୁଜୁ ହୋଇଛି।

### ଦିବ୍ୟାଙ୍ଗଙ୍କୁ ବଣ୍ଟାଗଲା ଟ୍ରାଇସାଇକେଲ

ବାସୁଦେବପୁର,୨୮।୪(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପକ୍ଷରୁ ଶୁକ୍ରବାର ବିଭିନ୍ନ ୱାର୍ଡର ୧୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଟ୍ରାଇସାଇକେଲ ବଣ୍ଟନ କରିଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା, ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ, ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

### ୧ରୁ ମିଳିତ ଅଭିଯୋଗ ଶୁଣାଣି

କେନ୍ଦୁଝର,୨୮।୪(ଡି.ଏନ୍.ଏ.): କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କ ୨୦୨୩ ମଇ ଶୁଣାଣି କାର୍ଯ୍ୟସୂଚି ପ୍ରକାଶ ପାଇଛି। ମଇ ୧ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍, ୮ରେ ଆନନ୍ଦପୁର ବ୍ଲକ୍, ୧୫ରେ ହରିଚନ୍ଦନପୁର, ୨୨ରେ ଚମ୍ପୁଆ ଓ ୨୯ ତାରିଖରେ ସାହାରାପଡ଼ା ବ୍ଲକ୍ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଅଭିଯୋଗ ଶୁଣାଣିରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା

ଭଣ୍ଡାରିପୋଖରୀ, ୨୮।୪ (ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଡାକବଙ୍ଗଳାଠାରେ ଆନ୍ତର୍ଜାତିକ ରୋଟାରୀ କ୍ଲବ ଭଣ୍ଡାରିପୋଖରୀ ଶାଖାର ଏକ ପରିବର୍ଦ୍ଧିତ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ସଞ୍ଜୀବ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆସିଷ୍ଟାଣ୍ଟ ଗଭର୍ନର ଇନ୍ଦ୍ରଜିତ ସାହୁ, ଉପଦେଷ୍ଟା ତଥା ରୋଟାରିଆନ ଅମ୍ବିକା ବଲ୍ଲଭ ସ୍ୱାଇଁ, ବସନ୍ତ ପାଣିଗ୍ରାହୀ, ପ୍ରଣବ କୁମାର ସାହୁ, ଅଭିଜିତ ନାୟକ ପ୍ରମୁଖ ଯୋଗଦେଇ ରୋଟାରୀ କ୍ଲବ ଗଠନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମାଜରେ ସ୍ୱେଚ୍ଛାକୃତ ସେବା ପାଇଁ ସଦସ୍ୟମାନେ ସଦା ତତ୍ପର ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀ ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଯୁବ ଉଦ୍ୟୋଗୀ ଲଳିତ କୁମାର ରାଉତ, ସମ୍ପାଦକ ଇଂ. ନିହାର ରଞ୍ଜନ ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ରାମ ନାୟକ ମନୋନୀତ ହୋଇଛନ୍ତି। ରୋଟାରିଆନ ଦୁର୍ଯ୍ୟୋଧନ ଲେଙ୍କା, ଅଭିମନ୍ୟୁ ଜେନା, ଅଜୟ ମିଶ୍ର, ନିରଞ୍ଜନ କୁଅଁର, ମିଳନ ଜେନା, ଲକ୍ଷ୍ମୀକାନ୍ତ ସାହୁ, ପ୍ରକାଶ ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତି ସଫା କଲେ ଲକ୍ଷ୍ମୀଧର

**ଉଦଳା,୨୮।୪(ଡି.ଏନ.ଏ.)**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀକୁ ସରକାରୀ ଓ ବେସରକାରୀ ଭାବେ ପାଳନ କରାଯାଉଛି। ମାତ୍ର ଉଦଳା ବାସନ୍ତୀ ମଣ୍ଡପ ଛକ ନିକଟରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ଆଜି ମଧ୍ୟ ଅବହେଳିତ ଅବସ୍ଥାରେ ଥିବା ଦେଖିବାକୁ ମିଳେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିକୁ ପ୍ରଶାସନିକ ସ୍ତରରେ ଅଣଦେଖା କରାଯାଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ପୋଥାଳ ପରିଣତ ବୟସରେ ଧୂଳିରେ ପୋତି ହୋଇଯାଇଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ସଫା କରିଥିଲେ। ବର୍ଷ ତମାମ ଖୋଲାରେ ରହିଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର କରିବା କିମ୍ବା ତାଙ୍କୁ



ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତି ସଫା କରୁଛନ୍ତି ଲକ୍ଷ୍ମୀଧର।

## ପ୍ରଶାସନର ଅଣଦେଖା

ସ୍ୱଚ୍ଛ କରି ଜନ୍ମ ଜୟନ୍ତୀ ପାଳିବା କଥା। କେବଳ ଏକ ବିଧି ରକ୍ଷା କରିବା ଭଳି ହାତରେ ଫୁଲମାଳ ଧରି ପ୍ରଶାସନିକ ଅଧିକାରୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଚାଲି ଯାଇଥିଲେ। ଲକ୍ଷ୍ମୀଧର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିକୁ ସଫା କରିବା ନିଶ୍ଚିତ ଭାବେ ସମସ୍ତଙ୍କୁ ଆଗାମୀ ଦିନରେ ପ୍ରେରଣା ଦେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି।

# ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା

**କୋଡ଼ପଡା,୨୮।୪(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଆନନ୍ଦପୁର ୬ନଂ. ୱାର୍ଡ ଥାନା ନିକଟରେ ଗ୍ରହରାଜ ଶନି ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩ ଦିନ ଧରି ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବାକୁ ଥିବା ବେଳେ ଅଧିବାସ ଦିବସରେ ରତ୍ନଭଣ୍ଡାର ମୁଦ୍, ଅଙ୍କୁରାରୋପଣ, କାୟା ଶୁଦ୍ଧି ଆଦି ପୂଜା କାର୍ଯ୍ୟ ସମାପନ କରାଯାଇଛି। ଅପରାହ୍ନରେ ୧୦୮ ମାନସିକଧାରୀ ଭକ୍ତ ବୈତରଣୀ ନଦୀରୁ ଜଳପୂର୍ଣ୍ଣ କଳସ ବୁଡ଼ାଇ ନଗର ପରିକ୍ରମା କରି ଗ୍ରହରାଜଙ୍କ ପୀଠରେ ସ୍ଥାପନ କରିଥିଲେ। ପଣ୍ଡିତ ରାଜେଶ ମିଶ୍ର, ଜଗନ୍ନାଥ ଆଚାର୍ଯ୍ୟ, ଦେବରାଜ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶନିଶ୍ଚର ମହାରାଜଙ୍କର ଭକ୍ତ ସହଯୋଗ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ପଲ୍ଲବୀ


@ଗୋପୀ


@କିରଣ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୨ ଗିରଫ

ପାଟଣା,୨୮।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମିରିଗିଖୋଜି ପଞ୍ଚାୟତ ଭାଲିଆଡାଳ ଗ୍ରାମରେ ଅପ୍ରେଲ ୧୨ ରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଶ୍ୱଶୁର ହରି ମୁଣ୍ଡା(୫୫) ଓ ଜ୍ୱାଇଁ ରାଉତ ମୁଣ୍ଡା(୩୦)। ଭାଲିଆଡ଼ାଳର ଶୁକ ମୁଣ୍ଡା ଓ ରାଇମଣିଙ୍କ ମଧ୍ୟରେ ଷ୍ଟିଲ ଗିନାକୁ ନେଇ ବଚସା ହୋଇଥିଲା। ଏଥିରେ ରାଇମଣି ଉତ୍‌କ୍ଷିପ୍ତ ହୋଇ ଶୁକଙ୍କ ଆଜବେଷ୍ଟସ ଘର ଉପରକୁ ଟେକା ପଥର ଫିଙ୍ଗିଥିଲେ। ରଇବୁ ବିରୋଧ କରିବାରୁ ରାଇମଣି ତାବାପା ହରି ଓ ସ୍ୱାମୀ ରାଉତଙ୍କୁ ଏନେଇ ଅଭିଯୋଗ କରିବା ପରେ ହରି ଓ ରାଉତ ରଇବୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ରଇବୁଙ୍କ ପୁଅ କୁନାଙ୍କ ଅଭିଯୋଗ ଆଧାରରେ ପାଟଣା ଥାନାରେ (ନଂ.୬୫/୨୩) ମାମଲା ରୁଜୁହୋଇଥିଲା। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ ଚାଲିଥିବା ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ରୋଲର ଚୋରି ଘଟଣାରେ ଜଣେ ଗିରଫ

**କେନ୍ଦୁଝର, ୨୮।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ରାସ୍ତା କାମରେ ବ୍ୟବହୃତ ହେଉଥିବା ରୋଲର ଚୋରି ଘଟଣାରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ମଧ୍ୟପ୍ରଦେଶର ଗୋରଖପୁର ଥାନା କଟଙ୍ଗା ଏପିଆର କଲୋନୀର ମୁକେଶ କୁମାର ଝା (୪୬)। ପୋଲିସ ସ୍କ୍ରାପ ଦୋକାନରେ ଚଢ଼ାଉ କରି ୨ଟି ଚୋରା ରୋଲର ଜବତ କରିଛି। ସ୍କ୍ରାପ ଦୋକାନୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପ୍ରକାଶ ଯେ, ଅଭିଯୁକ୍ତ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଥାନା ମୁଣ୍ଡାଠାକୁରାର ଅତୁଲ ବେହେରା ଓ ମୃତ୍ୟୁଞ୍ଜୟ ରାଉତଙ୍କଠାରୁ ୨ଟି ରୋଲର ଆଣିଥିଲେ। କେନ୍ଦୁଝରରେ ଏକ ରେଲୱେ କାମ କରୁଥିବା କହି ମାସିକ ୩୦ ହଜାର ଟଙ୍କା ଭଡ଼ା ଦେବାକୁ ଲିଖିତ ଚୁକ୍ତି କରିଥିଲେ। ଉବେଦ ହୁସେନଙ୍କ ୧୦ ଚକିଆ ଟ୍ରକ୍‌ରେ ୨ ଥରରେ ରୋଲର ଆଣି ଘୁଟୁର ରେଳଷ୍ଟେଶନ ନିକଟରେ ଓହ୍ଲାଇଥିଲେ। ପରେ ଆଉ ଏକ ରୋଲର ଆବଶ୍ୟକ ଥିବା କହି ଆଣିଥିବା ୧୦ ଚକିଆ ଟ୍ରକ୍ ମାଲିକ ଉବେଦଙ୍କୁ ଫୋନ କରିଥିଲେ। ଉବେଦ ଏକ ରୋଲର ଭଡ଼ାରେ ଆବଶ୍ୟକ ଥିବା କହି ଝାଡ଼ଖଣ୍ଡ ରାଜ୍ୟର ହଳଦୀପୋଖରୀ ଥାନା ହାତା ଗ୍ରାମର ନୌସାଦଙ୍କୁ ଫୋନ କରିଥିଲେ। ନୌସାଦଙ୍କ ପୂର୍ବରୁ ୨ ରୋଲର ଭଡ଼ାରେ ନେବି କହି ଜଣେ ଟୋପି ପିନ୍ଧି ଥିବା ଅଜଣା ଲୋକ ଚୁକ୍ତି କରି ୨୦୨୧ରେ ମାସିକ ୨୫ ହଜାର ଟଙ୍କା ଦେବ କହି ନେଇ ଯାଇଥିବା କହିବାରୁ ଉବେଦଙ୍କ ସନ୍ଦେହ ହୋଇଥିଲା। ଏ ନେଇ ସେ ସଙ୍ଗେ ସଙ୍ଗେ ଅତୁଲଙ୍କୁ କହିବା ପରେ ସେମାନେ କେନ୍ଦୁଝର ଆସି ରୋଲର ପାଇ ନ ଥିଲେ। କେନ୍ଦୁଝରର କବାଡି ଦୋକାନରେ ଖୋଜାଖୋଜି କରିବା ପରେ କରଞ୍ଜିଆ ବସ୍‌ଷ୍ଟାଣ୍ଡ ଧୋବାଡ଼ିହା ମୋହନ କୁମାରଙ୍କ କବାଡିଖାନାରୁ ରୋଲର ପାଇଥିଲେ। ଅତୁଲ ବେହେରା ଏନେଇ ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କବାଡି ଦୋକାନରେ ଚଢ଼ାଉ କରି ଅଧା କଟାଯାଇଥିବା ୨ ଟି ରୋଲର ଜବତ୍ କରିଥିଲା। ୨ ରୋଲରକୁ ଅଭିଯୁକ୍ତ ୪ ଲକ୍ଷ ୯୫ ହଜାର ଟଙ୍କାରେ ସ୍କ୍ରାପ ବେପାରୀଙ୍କୁ ବିକ୍ରି କରିଥିଲେ। ଘଟଣାରେ ପୋଲିସ କେସ (ନଂ. ୧୭୨/୨୩)ରେ ମାମଲା ରୁଜୁ କରି ମୁକେଶ ଝାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


ଜବତ ରୋଲର।

## ୨ ଅଧା କଟା ରୋଲର ଜବତ

# 'ସ୍ୱାଭିମାନୀ ଥିଲେ ମଧୁବାବୁ'



ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଅତିଥିମାନେ।

**ଭଦ୍ରକ ଅଫିସ,୨୮।୪**

ମଧୁବାବୁ ଥିଲେ ଜଣେ ସ୍ୱାଭିମାନୀ ମଣିଷ। ସେ ଏକାଧାରରେ ଜଣେ ସାହିତ୍ୟିକ, କବି ଓ ଆଇନଜୀବୀ ଥିଲେ। ନିଜର ସ୍ୱାଭିମାନ ପାଇଁ ଦରିଦ୍ର ହୋଇଯାଇଥିଲେ କିନ୍ତୁ କେବେ ସାଲିସ କରି ନ ଥିଲେ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟବକ୍ତା ବ୍ରଜମୋହନ ମିଶ୍ର କହିଥିଲେ। ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ଉତ୍କଳ ସମ୍ମିଳନୀର ସଭାନେତ୍ରୀ ଝରଣା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସାରସ୍ୱତ ସାଧକ ରଜନୀକାନ୍ତ ମହାନ୍ତି, ଅନ୍ୟତମ ଅତିଥି ଭାବେ ଡା. ଦୁର୍ଯ୍ୟୋଧନ ଦାଶ ଓ ଉତ୍କଳ ସମ୍ମିଳନୀର ସମ୍ପାଦକ ଅଜୟ ନାୟକ ମଧୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଧାରାଣୀ ମହାପାତ୍ର ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଚର୍ଚ୍ଚିକା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଓ ବାବୁଲାଲ ଦାଶ ଅତିଥି ପରିଚୟ ଦେଇଥିଲେ। ପ୍ରାରମ୍ଭରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପୂର୍ବାହ୍ନରେ ପୁରୁଣା କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଲକ୍ଷ୍ମୀକାନ୍ତ ବାରିକ, ଗୌରାଙ୍ଗ ବାରିକ, ରାଜା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡ. ଅନୀଲ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉତ୍କଳ ଗୌରବଙ୍କ ଜୟନ୍ତୀ, ଆଇନଜୀବୀ ଦିବସ


ଆଇନଜୀବୀ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ବାରିପଦା ଅଫିସ,୨୮।୪**

ମୟୂରଭଞ୍ଜ ଜିଲା ଓକିଲ ସଂଘ ଓ ରାଜ୍ୟ ଆଇନଜୀବୀ ପରିଷଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଆଇନଜୀବୀ ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ତଥା ସ୍ୱତନ୍ତ୍ର କମିଟି ସଦସ୍ୟ ମାନସ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଦେବବ୍ରତ ଦାଶ ଓ ସମ୍ମାନିତ ଅତିଥି ଭାବେ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ଜିଲା ଓକିଲ ସଂଘ ସଭାପତି ପ୍ରଦୀପ କୁମାର ରଥ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ବିପ୍ଳବ କୁମାର ବାରିକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡାଙ୍କୁ ମଧୁସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଆଇନ ସେବାରେ ୫୦ବର୍ଷ ପୂରଣ କରିଥିବା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ଆଇନଜୀବୀଙ୍କୁ ସମ୍ମାନିତ କରାଯାଇଛି।



## ବଜ୍ରପାତରେ ବାପ ମୃତ, ପୁଅ ଗୁରୁତର

ବସ୍ତା,(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଙ୍ଗଲା ଥାନା ଅଧୀନ ଗୁଡ଼ିହା ଗ୍ରାମରେ ବଜ୍ରପାତରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ମଧୁସୂଦନ ମଲ୍ଲିକ (୬୫)। ତାଙ୍କ ପୁଅ ନିତ୍ୟାନନ୍ଦ (୩୨) ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ମଧୁସୂଦନ ଏବଂ ତାଙ୍କ ପୁଅ ଚିଙ୍ଗୁଡ଼ି ଗଡ଼ିଆରେ କାମ କରୁଥିବା ସମୟରେ କାଳ ବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। ବାପପୁଅ ନିକଟସ୍ଥ କୁଡ଼ିଆ ଭିତରେ ଆଶ୍ରୟ ନେଇଥିଲେ। ଏହି ସମୟରେ କୁଡ଼ିଆ ଘର ଉପରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ମଧୁସୂଦନଙ୍କ ମୃତ୍ୟୁ ହୋଇଥିବା ବେଳେ ନିତ୍ୟାନନ୍ଦ ଗୁରୁତର ହୋଇଥିଲେ।



## ସଂକ୍ଷେପରେ

### ବାଇକ୍‌ରୁ ଲୁଟି ନେଲେ ୧ ଲକ୍ଷ

ବନ୍ତ,୨୮।୪ (ଡି.ଏନ୍.ଏ.)-ଭଦ୍ରକ ଜିଲା ବନ୍ତ ବଜାରସ୍ଥିତ ଏକ ଔଷଧ ଦୋକାନ ଆଗରୁ ଶୁକ୍ରବାର ଲୁଟେରାମାନେ ଜଣେ ବ୍ୟକ୍ତିଙ୍କ ଗାଡ଼ିରୁ ୧ ଲକ୍ଷ ଟଙ୍କା ଏବଂ ମନି ରିସିପ୍ଟ ବହି ଥିବା ଏକ ବ୍ୟାଗ୍ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ହେଲେ ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିଗଡ଼ିଆ ଗ୍ରାମର ଧୃରତ କୁମାର ଦାସ। ଏନେଇ ସେ ବନ୍ତ ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ସେ ଭଦ୍ରକସ୍ଥିତ ନାରାୟଣ ଫାର୍ମାର ମନି କଲେକ୍‌ସନର ଭାବେ କାର୍ଯ୍ୟ କରନ୍ତି। ସକାଳେ ବାଇକ୍‌ରେ କଲେକ୍ସନରେ ବାହାରି ବନ୍ତ ବଜାରରେ ଥିବା ମା' ମେଡିଶିନ ଷ୍ଟୋରକୁ ଯାଇଥିଲେ। ଚେକ୍ କଲେକ୍ସନ କରି ବ୍ୟାଗ୍‌ରେ ରଖି ଗାଡ଼ିରେ ଟାଙ୍ଗିଥିଲେ। ପାଣି ବୋତଲ ଆଣିବାକୁ ଯାଇଥିବା ବେଳେ ଦୁଇଜଣ ଯୁବକ ଏକ ନାଲି ରଙ୍ଗର ସ୍କୁଟିରେ ଆସି ତାଙ୍କ ବ୍ୟାଗ୍‌କୁ ନେଇ ଦ୍ରୁତଗତିରେ କେନ୍ଦୁଆପଦା ଆଡ଼କୁ ଚାଲିଯାଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୮/୨୩) ରୁଜୁ କରି ତଦନ୍ତ ଚଳାଇଛି।

### 'ଉଦୀୟମାନ ଯୁବକ ଥିଲେ ଶିବାନୀ'

ଭଦ୍ରକ ଅଫିସ, ୨୮।୪- ଭଦ୍ରକ ବିଏସ୍ଏସ୍ ସଙ୍ଗଠନର ସକ୍ରିୟ କର୍ମୀ ସ୍ୱର୍ଗତ ଶିବାନୀ ଶଙ୍କର ମିଶ୍ର ଜଣେ ପରୋପକାରୀ, ଜଗନ୍ନାଥପ୍ରେମୀ ଓ ଉଦୀୟମାନ ଯୁବକ ଥିଲେ। ଅଳ୍ପ ବୟସରୁ ଗରିବଙ୍କ ସେବା କରି ଲୋକଲୋଚନକୁ ଆସିଥିଲେ। କୋଭିଡ୍ ସମୟରେ ବୁଲାଗୋରୁ ଓ କୁକୁରକୁ ଖାଦ୍ୟ ଯୋଗାଇ ତାଙ୍କର ମହନୀୟତାର ପରିଚୟ ଦେଇଥିଲେ ବୋଲି ଏକାଦଶାହ ଅବସରରେ ଆୟୋଜିତ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଏସ୍ଏସ୍ ଓ ଖବରଦାତାମାନଙ୍କ ମିଳିତ ଉଦ୍ୟମରେ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ସ୍ମୃତିସଭା ହୋଇଥିଲା। ଖବରଦାତା ଜ୍ଞାନପ୍ରକାଶ ପାଣିଙ୍କ ସଭାପତିତ୍ୱରେ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଅଧାପକ ଶିବଚରଣ ଖାମରାଇ, ବିଏସ୍ଏସ୍‌ର ସଦସ୍ୟ ଦିଲୀପ ଦାସ, ଶହୀଦ ଭଗତ୍ ସେନା ଆବାହକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ଭଦ୍ରକର ଖବରଦାତା ଓ ବିଏସ୍ଏସ୍‌ର କର୍ମକର୍ତ୍ତାମାନେ ସ୍ମୃତିଚାରଣ କରିଥିଲେ।

### ମିଲେଟ ମଦର ଇଭେଣ୍ଟ

ଠାକୁରମୁଣ୍ଡା,୨୮।୪(ଡି.ଏନ୍.ଏ.)- ଅନ୍ତର୍ଜାତୀୟ ମିଲେଟ ମିଶନ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ତାଳପଦା ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଶୁକ୍ରବାର ମିଲେଟ ମଦର ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ତାଳପଦା ଓ ଗହଣ୍ଡିଆ ଗ୍ରାମର ଗର୍ଭବତୀ ମା' ଓ ଶିଶୁ ଉପସ୍ଥିତ ରହିଥିଲେ। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସ୍ନେହଲତା ସେଠୀ ଯୋଗଦେଇ ମିଲେଟ ମିଶନର ଉଦ୍ଦେଶ୍ୟ ଓ ମାଣ୍ଡିଆର ଉପକାରିତା ବିଷୟରେ ଉପସ୍ଥିତ ଥିବା ମା'ମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମାଣ୍ଡିଆରେ ତିଆରି ଖିରି, ଲଡ୍ଡୁ, ରୁଟି, ଚକୁଳି ପିଠା, ସିଝା ପିଠା, ସେଉ, ଆରିସା ପିଠା ଆଦି ପ୍ରଦର୍ଶିତ କରାଯାଇଥିଲା। ଅଙ୍ଗନୱାଡି ସୁପରଭାଇଜର ଓ କର୍ମୀମାନେ ଉପସ୍ଥିତ ଥିଲେ।

# ପୋଲ ନିର୍ମାଣରେ ବାଧକ ସାଜିଛି ବେଆଇନ ଇଟାଭାଟି

## ବିରୋଧ କଲେ ଅଞ୍ଚଳବାସୀ

ନୀଳଗିରି,୨୮।୪(ସ୍ୱ.ପ୍ର)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଛତ୍ରପୁରରୁ ପିଠାହତା ପଞ୍ଚାୟତକୁ ସଂଯୋଗ କରୁଥିବା ନିର୍ମାଣାଧିନ ଏକ ପୋଲ ପାଇଁ ବାଧକ ସାଜିଛି ବେଆଇନ ଇଟାଭାଟି। ଅଞ୍ଚଳବାସୀ ଏହାକୁ ବିରୋଧ କରିବା ସହ ଉପ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଖୁଁଟାଡିହା ଓ ପିଠାହତାକୁ ସଂଯୋଗ କରୁଥିବା ତରତରି ନାଳ ନିକଟରେ ବେଆଇନ ଭାବେ ଜଣେ ବ୍ୟକ୍ତି ଚଦର ଇଟାଭାଟି କରି ପ୍ରଶାସନ ଆଖିରେ ଧୂଳି ଦେଇ ଲକ୍ଷାଧିକ ଟଙ୍କାର ରାଜସ୍ୱ ଫାଙ୍କି ଚାଲିଛନ୍ତି। ଏବେ ୨ଟି ଇଟାଭାଟି କରିଥିବା ଦେଖିବାକୁ ମିଳିଛି। ଏପଟେ ଉଭୟ ପଞ୍ଚାୟତକୁ ଯାତାୟାତ ପାଇଁ ବାଲେଶ୍ୱର ଡ୍ରେନେଜ ବିଭାଗ


ନିର୍ମାଣାଧୀନ ପୋଲ।

ପକ୍ଷରୁ ୫ ବର୍ଷ ପୂର୍ବରୁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଇଟାଭାଟି ମାଲିକ ପୋଲର ଶେଷମୁଣ୍ଡରେ ଇଟାଭାଟି କରି ଯାତାୟତ କରୁଥିବା ରାସ୍ତାକୁ ଅବରୋଧ କରିଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଫଳରେ ଉଭୟ ଛତ୍ରପୁର ଓ ପିଠାହତା ପଞ୍ଚାୟତର ଅଧିବାସୀମାନଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ସମ୍ପୃକ୍ତ ଇଟାଭାଟି ମାଲିକ ନିଜସ୍ୱ ଜାଗା କହୁଥିବା ବେଳେ ଡ୍ରେନେଜ୍ ବିଭାଗ ପୋଲ ନିର୍ମାଣ କରିବା ପୂର୍ବରୁ ସରଜମିନ ତଦନ୍ତ କରିଥିଲା କି, ଯଦି ବିଭାଗୀୟ ଅଧିକାରୀମାନେ ସରଜମିନ ତଦନ୍ତ ଠିକ୍ ଭାବେ କରିଥିଲେ ତେବେ ବ୍ୟକ୍ତିଗତ ଜାଗା ଆସିଲା କିପରି ବୋଲି ପ୍ରଶ୍ନ ଉଠିଛି। ପୋଲ ନିର୍ମାଣର ଦିଗ ଯଦି ପରିବର୍ତ୍ତନ କରାଯାଇଥାନ୍ତା ତାହେଲେ ଏହି ସମସ୍ୟା ଉପୁଜି ନ ଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ଉପ-ଜିଲାପାଳ ଉଭୟ ପଞ୍ଚାୟତବାସୀଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରଖି ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

# 'ମୁଣ୍ଡଟେକି ବଞ୍ଚିବାର ଆଦର୍ଶ, ପ୍ରେରଣା ମଧୁବାବୁଙ୍କ ଜୀବନୀରୁ ମିଳିଥାଏ'


ଓଡ଼ିଶା ସ୍ୱାଭିମାନ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଓଡ଼ିଶା ସ୍ୱାଭିମାନ ଦିବସ

ବାଲେଶ୍ୱର ଅଫିସ,୨୮।୪

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଫକୀର ମୋହନ ସାହିତ୍ୟଘର ଏବଂ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ସ୍ୱାଭିମାନ ଦିବସ ସମାରୋହ ପାଳିତ ହୋଇଯାଇଛି।

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ପୌରହିତ୍ୟ କରି ଆତ୍ମ ସମ୍ମାନର ସହିତ ବଞ୍ଚିବା ହିଁ ସବୁଠାରୁ ବଡ଼ କଥା ; ଆତ୍ମ ବିଶ୍ୱାସକୁ ତଳେ ପକାଇଲେ ବହୁତ ବିଷୟରେ କ୍ଷତି ସହିବାକୁ ପଡ଼ିଥାଏ। ମଧୁବାବୁଙ୍କ ଜୀବନୀରୁ ମୁଣ୍ଡଟେକି ବଞ୍ଚିବାର ଆଦର୍ଶ ଓ ପ୍ରେରଣା ଲାଭ କରିହୁଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶା ସ୍ୱାଭିମାନ ଦିବସର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିବକ୍ତା ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକ ଯୋଗଦେଇ ଓଡ଼ିଆଜାତି ପାଇଁ ମଧୁବାବୁଙ୍କ ଅତୁଳନୀୟ ଅବଦାନ ବିଷୟରେ ଅଧିକ ସୂଚନା ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡ଼ିଆମାନଙ୍କ ଭିତରେ ଏବେ ମଧ ସ୍ୱାଭିମାନ ବଞ୍ଚି ରହିଛି ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ରୂପେ କୁଳସଚିବ କୁଙ୍କୁମୀନା ଦାସ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଯୋଗଦେଇ ମଧୁବାବୁଙ୍କ ଜୀବନଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ହେମଲତା ବେହେରା ଧନ୍ୟବାଦ ଦେଇଥିଲେ।

# ଜମି ଅଧିକାର ପ୍ରମାଣପତ୍ର ମିଳି ନ ଥିବାରୁ ଉଦ୍‌ବେଗ



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

## ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର କାର୍ଯ୍ୟକାରିଣୀ

ବାରିପଦା ଅଫିସ,୨୮।୪

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଧୀନ ୩ନଂ. ୱାର୍ଡରେ ବର୍ଷିୟାନ ଶିକ୍ଷାବିତ୍ ତଥା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ୮୬ତମ ଜନ୍ମଦିନ ପାଳନ ଅବସରରେ ସଂଘର କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରରେ ବସବାସ କରୁଥିବା ସମସ୍ତ ପଟ୍ଟାବିହୀନ ବାସିନ୍ଦାଙ୍କୁ ଏଯାଏ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମସ୍ତଙ୍କୁ ଶୀଘ୍ର ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରା ନ ଗଲେ ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ନେଇଛି। ବୈଠକରେ ମୁଖ୍ୟତଃ ୩ଟି ଦାବି କରାଯାଇଛି। ପଟ୍ଟାବିହୀନ ବାସିନ୍ଦାଙ୍କ ଘର ସର୍ଭେ, ସେମାନେ ବସବାସ କରୁଥିବା ଜଙ୍ଗଲ ଜମି କିସମ ପରିବର୍ତ୍ତନ ଓ ଯେଉଁମାନଙ୍କ ଘରେ ଷ୍ଟିକର ଲାଗିଥିଲା, ସେମାନଙ୍କୁ ଅବିଳମ୍ବେ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ହେଉ ବୋଲି ଦାବି ହୋଇଛି। ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, ଉପଦେଷ୍ଟା ଅଧ୍ୟାପକ ଗୋପବନ୍ଧୁ, କାର୍ଯ୍ୟକାରୀ ସଭାପତି ଆଡ୍‌ଭୋକେଟ ରବି ଗୋସ୍ୱାମୀ, କୋଷାଧ୍ୟକ୍ଷା ଭାରତୀ ପାତ୍ର, ସହସମ୍ପାଦକ କାଶୀନାଥ ମାହାନା, ଜୀବନ ମହାପାତ୍ର, ପ୍ରିୟଜିତ୍ ମଦିନା ଓ ମହେଶ୍ୱର ବେହେରା ବୈଠକରେ ଯୋଗ ଦେଇଥିଲେ।

# ଛିନ୍‌ତାଇ: ୨ ଯୁବକ ଗିରଫ

ମୋରଡ଼ା,୨୮।୪ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଗତ କିଛିଦିନ ହେଲା ଛିନ୍‌ତାଇ ଘଟଣା ବୃଦ୍ଧି ପାଇଛି। ଏହାକୁ ନେଇ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଛିନ୍‌ତାଇ କରୁଥିବା ୨ ଯୁବକଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଗିରଫ ଦୁଇ ଯୁବକ ହେଲେ ବୈଶିଙ୍ଗା ଥାନା ଅଧୀନ ବଡ଼ଗୋପାଳପୁରର ହେମନ୍ତ କୁମାର ବେହେରା(ବଳିଆ) ଏବଂ ଚନ୍ଦ୍ରକାନ୍ତ ଦାସ(ବୁଲା)। ସେମାନଙ୍କ ନାମରେ ପୂର୍ବରୁ ବୈଶିଙ୍ଗା ଥାନା ସହ ବିଭିନ୍ନ ଥାନାରେ ମାମଲା ରହିଥିବା ବେଳେ ପୂର୍ବରୁ ଜେଲ୍ ମଧ ଯାଇଥିବା ମୋରଡ଼ା ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଗତ ୧୦ ତାରିଖରେ ସିନ୍ଦୁରଯୋଡ଼ା ଗ୍ରାମର ଫୁଲମଣି ମାର୍ଣ୍ଡି ଝିଙ୍କିରିଆସ୍ଥିତ ବ୍ୟାଙ୍କରୁ ୨୭,୦୦୦ ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ଦୁଇ ଯୁବକ ତାଙ୍କୁ ପିଛା କରି ଅଟକାଇ ଟଙ୍କା ଛଡ଼ାଇ ନେଇଥିଲେ। ସେହିପରି ଗୁରୁବାର ଧଡ଼ାସାହି ଗ୍ରାମର ପୁଷ୍ପଲତା ଭଞ୍ଜ ୧୦ ହଜାର ଟଙ୍କା ଉକ୍ତ ବ୍ୟାଙ୍କରୁ ଉଠାଣ କରି ଘରକୁ ଫେରୁଥିବା ବେଳେ ଦୁଇ ଯୁବକ ତେନ୍ତୁଳିବାଟି ନିକଟରେ ତାଙ୍କ ପାଖରୁ ସମସ୍ତ ଟଙ୍କା ଛିନ୍‌ତାଇ କରିଥିଲେ। ଅଭିଯୋଗକ୍ରମେ ମୋରଡ଼ା ଥାନାରେ ୨ଟି ମାମଲା (ନଂ.୧୩୦/୨୩ ଏବଂ ୧୫୭/୨୩) ରୁଜୁ ହୋଇଛି। ସିସିଟିଭି ଫୁଟେଜରୁ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା।

# ଜନ୍ମସ୍ଥାନରେ ପାଳନ ହେବ ଧରଣୀଧରଙ୍କ ଜୟନ୍ତୀ

କେନ୍ଦୁଝର,୨୮।୪(ଡି.ଏନ୍.ଏ.)

ମଇ ୫ ଶୁକ୍ରବାର ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ନିମନ୍ତେ ଗୁରୁବାର ଜିଲା କାର୍ଯ୍ୟାଳୟର ମିନି କନଫରେନ୍ସ ହଲଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମାରୋହ ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଗ୍ରାମରେ ଅନୁଷ୍ଠିତ ହେବକୁ ନିଷ୍ପତ୍ତି ହୋଇଥିଲା। ଜିଲା ପ୍ରଶାସନ ଓ ଭୂୟାଁ ସାଂସ୍କୃତିକ ସଂଗଠନଙ୍କ ମିଳିତ ଆନୁକୂଲ୍ୟରେ ଧରଣୀଧର ଆଞ୍ଚଳିକ ବିକାଶ ପରିଷଦ ସହଯୋଗରେ ସମାରୋହ ଆୟୋଜିତ ହେବ। ସର୍ବୋଚ୍ଚ ନମ୍ବର ରଖିଥିବା ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ର ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ବିଶେଷ/ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଧରଣୀଧରଙ୍କ କୀର୍ତ୍ତିକୁ ଲୋକଲୋଚନକୁ ଆଣିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ 'ଧରଣୀ ସମ୍ମାନ' ପ୍ରଦାନ କରାଯିବ। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପିଏ ଆଇଟିଡିଏ ତପନ ନାଏକ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ବିଡିଓ ବିକାଶ ଚନ୍ଦ୍ର ସାହୁ, ତହସିଲଦାର ଆଶିଷ ମହାପାତ୍ର, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ ମଧୁସ୍ମିତା ସାମନ୍ତରାୟ, ଜେନେରାଲ ମ୍ୟାନେଜର ଓ୍ୱାଟ୍‌କୋ ନାରଦ ଚନ୍ଦ୍ର ରଥ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ସଞ୍ଜୀବ ବାରିକ, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ଭୂୟାଁ ସାଂସ୍କୃତିକ ସଂଗଠନ ସଭାପତି ହରିଶଙ୍କର ନାଏକ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ନାଏକ, ଉପଦେଷ୍ଟା ସଞ୍ଜୟ ଗିରି, ଧରଣୀଧର ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା ଚନ୍ଦ୍ରମଣି ନାଏକ, ପୁରୁଷୋତ୍ତମ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସରିଲା ନୀଳେଶ୍ୱର ମହାଦେବଙ୍କ ଚଡ଼କଯାତ୍ରା

ଜଳେଶ୍ୱର,୨୮।୪(ଡି.ଏନ୍.ଏ)

ଚନ୍ଦନେଶ୍ୱର ମହାଦେବଙ୍କ ଚଡକଯାତ୍ରା ସମାପନ ପରେ ଉତ୍ତର ବାଲେଶ୍ୱରର ଅଧିକାଂଶ ଶୈବପୀଠରେ ବୈଶାଖମାସରେ ଚଡକମେଳା ଅନୁଷ୍ଠିତ ହୋଇଥାଏ। ଜଳେଶ୍ୱର ବ୍ଲକ ନଛିମପୁର ଗାଁରେ ୧୩ଦିନ ଧରି ଚାଲିଥିବା ନୀଳେଶ୍ୱର ମହାଦେବଙ୍କ ଚଡକମେଳା ଗୁରୁବାର ଅପରାହ୍ନରେ ଶେଷ ହୋଇଛି। ଏଥିରେ ଓଡ଼ିଶା ଓ ପଶ୍ଚିମବଙ୍ଗର ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

୧୩ ଦିନ ପୂର୍ବରୁ ଭକ୍ତା (ଶିବ ଉପାଷକ)ମାନେ ମଧରାତ୍ରରେ ଏକ ସୁସଜ୍ଜିତ ପଟୁଆରରେ କାମିନା ଘଟକୁ ହାକାଣ୍ଡ(ଭକ୍ତଙ୍କ ଗାଧୋଇବା ପୋଖରୀ)ରୁ ପୂଜାର୍ଚ୍ଚନା କରି ବ୍ରତ (ପଇତା) ଧାରଣ ପୂର୍ବକ ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ। ପ୍ରତିଦିନ ୧୩ଜଣ ଭକ୍ତା ଦାଢ୍ୟକ୍ତାଭକ୍ତିର ଜୀବନଚର୍ଯ୍ୟା କରିବା ସହିତ ସେବା,


ଚଡ଼କ ମେଳାରେ ସାମିଲ ହୋଇଥିବା ଭକ୍ତାମାନେ।

ମାଣିକ ଗଡାଣ, ପାର୍ଶ୍ୱଦେବତା ଚଣ୍ଡି, ଗଣେଶ, ଭଗବତୀ, କ୍ଷେତ୍ରପାଳ, ମହାକାଳଙ୍କ ପୂଜାର୍ଚ୍ଚନା ଦ୍ୱାରା ଗ୍ରାମପରିବେଶକୁ ଭକ୍ତିମୟ ଓ ପବିତ୍ର କରିଥିଲା । ନୀଳରଙ୍ଗରେ ଘରେ ଘରେ ମହାମେଳୀ ପାଳନ ଓ ହାକାଣ୍ଡ ପାଖରୁ ଭକ୍ତ ଶଙ୍କର ସିଂଙ୍କ ମାନସିକ ପବିତ୍ର ଦଣ୍ଡଯାତ୍ରା ଆକର୍ଷଣୀୟ ଥିଲା। ଚଡକମେଳାର ଅନ୍ତିମ ଦିବସରେ ୧୩ ଭକ୍ତା ହାକାଣ୍ଡରେ ପୂଜାର୍ଚ୍ଚନା, ନୂତନ ବସ୍ତ୍ର ପରିଧାନ, ସୁସଜ୍ଜିତ ବିମାନରେ (ମଣ୍ଡି) ଉପବେଶନ କରି ବିଶାଳ ପଟୁଆରରେ ମନ୍ଦିର ପ୍ରଦକ୍ଷଣ କରି ରାତ୍ରିର ଶେଷାର୍ଦ୍ଧରେ ବ୍ରତ ସମାପନ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ଉଦ୍‌ଯାପନୀ ମେଳାକୁ ପାଟଭକ୍ତ ହିମାଂଶୁ ପ୍ରଧାନ, ପୂଜକ ରବିନ୍ଦ୍ର ମିଶ୍ର, ଲଲିନ ମିଶ୍ର, ଗ୍ରାମ୍ୟମୁଖ୍ୟ ଚୈତନ୍ୟ ବିଶ୍ୱାଳ ଓ ଯାତ୍ରା କମିଟି କର୍ମକର୍ତ୍ତା ପରିଚାଳନା କରିଥିଲେ।

# ସମବାୟ ସମିତି ସଭାପତିଙ୍କୁ ବହିଷ୍କାର

ତିହିଡ଼ି,୨୮।୪ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ସମବାୟ ସମିତି ସଭାପତି ଭୀମସେନ ପ୍ରଧାନଙ୍କୁ ବହିଷ୍କାର କରାଯାଇଛି। ସମିତିର ସାଧାରଣ ସଭା ପରିଚାଳନା ପରିଷଦର ବରାଦୀ ବୈଠକରେ ସଦସ୍ୟମାନେ ଏହି ନିଷ୍ପତ୍ତି ନେବା ସହ ରିଜୋଲ୍ୟୁଶନ କରିଛନ୍ତି। ଏହି ରିଜୋଲ୍ୟୁଶନକୁ ଭଦ୍ରକ ଏଆର୍‌ସିଏସ୍, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ତିହିଡ଼ି ଶାଖା ପରିଚାଳକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି। ଏଥିସହ ସମ୍ପାଦକ କାଳନ୍ଦୀ ଚରଣ ଦାସଙ୍କୁ ସଭାପତି କରିଥିବା ନିଲମ୍ବନକୁ ସେମାନେ ପ୍ରତ୍ୟାହାର କରିନେଇଛନ୍ତି। ପରିଚାଳନା ପରିଷଦର ସଦସ୍ୟ ଲକ୍ଷ୍ମଣ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନେ ଦର୍ଶାଇଥିଲେ ଯେ, ୭।୧୨।୨୨ରେ ସମିତି ପରିଚାଳନା ପରିଷଦର ବୈଠକ ଶେଷଥର ପାଇଁ ଅନୁଷ୍ଠିତ ହୋଇଥିଲା। ମାତ୍ର ୧।୩।୨୩ରେ ସମିତିର କୌଣସି ବୈଠକ ହୋଇନାହିଁ କିମ୍ବା ସମ୍ପାଦକ ଦାସଙ୍କ ନିଲମ୍ବନ ସମ୍ପର୍କରେ ସଭାବହିରେ କୌଣସି ପ୍ରସ୍ତାବ ଲିପିବଦ୍ଧ କିମ୍ବା ପାରିତ ହୋଇନାହିଁ। ଏଣୁ ସମ୍ପାଦକ ଦାସଙ୍କ ନିଲମ୍ବନ ବେଆଇନ। ଅପରପକ୍ଷେ ବନ୍ୟା ପ୍ରଭାବିତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଚାଷୀମାନେ ରବି ଚାଷ ଉପରେ ନିର୍ଭରଶୀଳ। ସମିତିର ସଭାପତି ଦାୟିତ୍ୱ ଠିକ୍ ରୂପେ ସମ୍ପାଦନ କରୁ ନ ଥିବାରୁ ଚାଷୀମାନେ ସମିତିରୁ ଉପକୃତ ହୋଇପାରୁ ନାହାନ୍ତି। ସମିତିର କାର୍ଯ୍ୟକାରୀ ସଭାପତି ରୂପେ ଲକ୍ଷ୍ମଣ କୁମାର ଦାସଙ୍କୁ ଦାୟିତ୍ୱ ଦିଆଯାଇଥିବା ଦର୍ଶାଯାଇଛି।

# ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା

ପଦ୍ମପୁର,୨୮।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଏଡ଼ତାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି ନେଇ ୬ ପଞ୍ଚାୟତର ବୁଦ୍ଧିଜୀବୀମାନେ ଶୁକ୍ରବାର ଗଣଧାରଣା ଦେବା ସହ ପ୍ରତିବାଦ ସଭା କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୁଆଗଡ଼ିଆ, ଲୁଙ୍ଗା, ଏଡ଼ତାଳ, ସୁଗୋ, ପଦ୍ମପୁର ଓ ଜଗନ୍ନାଥପ୍ରସାଦ ଅଞ୍ଚଳର ଲୋକେ ନିର୍ଭର କରନ୍ତି। ହେଲେ ଏଠାରେ ଡାକ୍ତର ନିଯୁକ୍ତି ଦିଆଯାଉ ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଚିକିତ୍ସା ପାଇଁ ବାସୁଦେବପୁର ଓ ଭଦ୍ରକ ଯିବାକୁ ବାଧ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନା ରାସ୍ତା ଉପରେ ଧାରଣା ଦିଆଯାଇଥିଲା। ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ମାନସ ସାହୁ,



ଏଡ଼ତାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣାରତ ଲୋକେ।

ଅରୁଣ ଦତ୍ତ, ଅଶୋକ ସାହୁ, ମୁକ୍ତିକାନ୍ତ ଘଡ଼େଇ, ସାମନ୍ତ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଥାନାଧିକାରୀ ସାବିତ୍ରୀ ପଣ୍ଡା, ଏଏସ୍ଆଇ ବିଜୟ ଦାସ ମହାପାତ୍ର ପ୍ରମୁଖ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଦାବିପତ୍ର ଗ୍ରହଣ କରି ଅଳ୍ପଦିନ ଭିତରେ ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କୁକୁଡ଼ା ଗାଡ଼ି ଲୁଟ୍ ଘଟଣାରେ ଜଣେ ଗିରଫ

ଚମ୍ପୁଆ,୨୮।୪(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରଘୁଆଳ ସାହିଠାରେ ମାରଣାସ୍ତ୍ର ଦେଖାଇ କୁକୁଡ଼ା ବୋଝେଇ ଗାଡ଼ି ଲୁଟ୍ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଝାଡ଼ଖଣ୍ଡର ଜାମସେଦପୁର ମାନ୍‌ଗ ଅଞ୍ଚଳର ରଣଧିର ଶର୍ମା। ଗତ ୧୪ ତାରିଖରେ ରଘୁଆଳ ସାହି ନିକଟରୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତ କୁକୁଡ଼ା ବୋଝେଇ ଗାଡ଼ିକୁ ନେଇଯାଇଥିଲେ। ମାଲିକ କୁଲ ମୁଣ୍ଡା ଓ ହେଲପରଙ୍କୁ ଭୟଭିତ କରିବା ସହିତ ନୁଆମୁଣ୍ଡି ଜଙ୍ଗଲରେ ଛାଡ଼ିଦେଇ ପଳାଇଥିଲେ। ଏ ନେଇ ମାଲିକ ଚମ୍ପୁଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ (ନଂ.୧୪/୨୩)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆନନ୍ଦପୁର ବ୍ୟାରେଜରେ ଭାରିଯାନ ଚଳାଚଳରେ ରୋକ୍

ଆନନ୍ଦପୁର,୨୮।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ ଉପରେ ଭାରିଯାନ ଚଳାଚଳ ଦିଗରେ ରୋକ ଲାଗିଛି। ଆନନ୍ଦପୁର ବ୍ୟାରେଜ ଡିଭିଜନ୍, ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଚିଠି ନଂ. ୧୩୫୮/୨୭ ଏପ୍ରେଲ ୨୦୨୩କୁ ଆଧାର କରି ଆନନ୍ଦପୁର ଉପଖଣ୍ଡ ମାଜିଷ୍ଟ୍ରେଟ ଅନୀଲ କୁମାର ସେଠୀ ବ୍ୟାରେଜ ଉପରେ ଭାରିଯାନ ଚଳାଚଳକୁ ରୋକ ଲଗାଇବା ପାଇଁ ୧୪୪ ଜାରି କରିଛନ୍ତି। ଏହା ୨୮ ତାରିଖ ଅର୍ଥାତ ଗୁରୁବାର ଠାରୁ ୩୧ ମଇ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ଜାରି ହୋଇଛି। ଏହାର କାର୍ଯ୍ୟକାରିତା ଦିଗରେ ପ୍ରତ୍ୟେକ୍ଷ ଭାବେ ଦୃଷ୍ଟି ଦେବାକୁ ଏସ୍‌ଡିପିଓ ଆନନ୍ଦପୁର, ଆଇଆଇସି ଆନନ୍ଦପୁର, ଆଇଆଇସି



ଘସିପୁରା, ତହସିଲଦାର ଆନନ୍ଦପୁର ଓ ଘସିପୁରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରାୟ ସମୟରେ ଆନନ୍ଦପୁର ବ୍ୟାରେଜ ଉପରେ ଲୁହାପଥର ବୋଝେଇ ଭାରିଯାନଠାରୁ ଆରମ୍ଭ କରି ଲଘୁ ଖଣିଜ ସମ୍ପଦ ଭରା ହାଇୱା ଚଳାଚଳ ଲାଗିରହିଛି। ହାଇଡ୍ରୁଲିକ୍ ଷ୍ଟ୍ରକଚର୍ ଆଧାରରେ ନିର୍ମାଣ ହୋଇଥିବା ବ୍ୟାରେଜ ପାଇଁ ଏହା ଅଧିକ ମାତ୍ରାରେ ବିପଦ ସୃଷ୍ଟି କରୁଛି।

